ଆରବିଆଇ/ ୨୦୦୬-୦୭/୩୨୮
ଡ଼ିଓ ଡ଼ିବିଏସ. ଏଫଆର୍‌ଏମ୍‌ସି ସଂ.ବିସି ୫/୨୩.୦୨.୦୧୧/୨୦୦୬-୦୭

ଅପ୍ରେଲ ୧୮,୨୦୦୭

**ସମସ୍ତ ଘରୋଇ କ୍ଷେତ୍ର ବ୍ୟାଙ୍କ ଏବଂ ଭାରତରେ କାର୍ଯ୍ୟରତ ସମସ୍ତ ବିଦେଶୀ ବ୍ୟାଙ୍କ ଘରୋଇକ୍ଷେତ୍ର ବ୍ୟାଙ୍କ ଏବଂ ବିଦେଶୀ ବ୍ୟାଙ୍କ ମାନଙ୍କ ପାଇଁ ସୁରକ୍ଷିତ ପ୍ରକାଶ ଯୋଜନାର ପ୍ରବର୍ତ୍ତନ**

ଭାରତ ସରକାରଙ୍କ ତାଙ୍କ ୨୧ ଅପ୍ରେଲ ୨୦୦୪ର ସଂକଳ୍ପ କ୍ରମେ କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି)ଙ୍କୁ କୌଣସି କେନ୍ଦ୍ର ସରକାରୀ କର୍ମଚାରୀ କିମ୍ବା କେନ୍ଦ୍ରୀୟ ଅଧିନିୟମ ଅଧୀନରେ ସ୍ଥାପିତ ନିଗମ ସରକାରୀ କମ୍ପାନୀ, ସମିତି, କେନ୍ଦ୍ର ସରକାରଙ୍କ ମାଲିକାନା ତଥାନିୟନ୍ତ୍ରଣରେ ଥିବା କୌଣସି କର୍ତ୍ତୃପକ୍ଷଙ୍କ କର୍ମଚାରୀ ମାନଙ୍କ ଦ୍ୱାରା ସଂଗଠିତ ଦୁର୍ନୀତି କିମ୍ବା ପଦମର୍ଯ୍ୟାଦାର ଦୁରୁପଯୋଗ ସଂକ୍ରାନ୍ତ ଅଭିଯୋଗର ପ୍ରକାଶ ସଂପର୍କିତ ଲିଖିତ ଅଭିଯୋଗ ଗ୍ରହଣ କରିବାକୁ ତଥା ବିହୀତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିବାକୁ ଉପଯୁକ୍ତ ସଂସ୍ଥା ରୂପେ ପ୍ରାଧିକୃତ କରିଛନ୍ତି ।

୨. ଉପରୋକ୍ତ ସଂକଳ୍ପ ସରକାରୀ କର୍ମଚାରୀ ଏବଂ ସରକାରୀ କ୍ଷେତ୍ର ବ୍ୟାଙ୍କ ସମେତ ସରକାରୀ ଉଦ୍ୟୋଗର କର୍ମଚାରୀଙ୍କ କ୍ଷେତ୍ରରେ ପ୍ରଜୁଜ୍ୟ, ଘରୋଇ କ୍ଷେତ୍ର ବ୍ୟାଙ୍କ ଏବଂ ବିଦେଶୀ ବ୍ୟାଙ୍କ ଉକ୍ତ ସଂକଳ୍ପର ପରିସର ଭୁକ୍ତ ହୋଇନଥିବାରୁ ସେମାନଙ୍କକ୍ଷେତ୍ରରେ ମଧ୍ୟ ଅନୁରୂପ ଏକ ସଂକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ପ୍ରସ୍ତାବ ଦେଇଥିଲେ । ଏହି ଯୋଜନାର ଏକ ଚିଠା ରିଜର୍ଭ ବ୍ୟାଙ୍କର ୱେବସାଇଟରେ ୨୫ ଜାନୁଆରୀ ୨୦୦୭ ଦିନ ସ୍ଥାନୀତ କରାଯାଇ ଜନ ସାଧାରଣଙ୍କ ସମେତ ସମସ୍ତ ସଂପୃକ୍ତ ପକ୍ଷଙ୍କ ଠାରୁ ମତାମତ ଆହ୍ୱାନ କରାଯାଇ ଥିଲା । ଗୃହୀତ ସମସ୍ତ ମତାମତକୁ ବିଚାରକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ଯୋଜନା ଚୂଡ଼ାନ୍ତ କରିଛନ୍ତି ଏବଂ ଏହି ଯୋଜନାକୁ ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ସ୍ଥିର କରାଯାଇଛି । ଏହି ଯୋଜନାର ବିଶଦ୍ ବିବରଣୀ ସଂଲଗ୍ନ ପୃଷ୍ଠାରେ ପ୍ରଦତ୍ତ ହୋଇଛି । ସମସ୍ତ ଘରୋଇ କ୍ଷେତ୍ର ବ୍ୟାଙ୍କ ତଥା ଭାରତରେ କାର୍ଯ୍ୟରତ ସମସ୍ତ ବିଦେଶୀ ବ୍ୟାଙ୍କଙ୍କୁ ଏଦିଗରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଉଛି ।

୩. ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ ।

ଆପଣଙ୍କ ବିଶ୍ୱସ୍ତ
ଏସ.ଭି.ରାଘବ,
ମୁଖ୍ୟ ମହାପ୍ରବନ୍ଧକ